# ପ୍ରେସ ନୋଟ

## ଅନୁଗୋଳ ଜିଲ୍ଲାରେ ଓଡିଶା ସ୍ୱଳ୍ପ ସଞ୍ଚୟ ପ୍ରୋତ୍ସାହନ ଯୋଜନାର କୁପନ ବିତରଣ ଆରମ୍ଭ ।

ଅନୁଗୋଳ ୨୭.୧ :- ଅନୁଗୋଳ ଜିଲ୍ଲାରେ ଓଡିଶା ସରକାରଙ୍କ ସ୍ୱଳ୍ପ ସଞ୍ଚୟ ପ୍ରୋତ୍ସାହନ ଯୋଜନାର କୁପନ ବିତରଣ ପ୍ରକ୍ରିୟା ଚଳିତ ମାସ ଜାନୁୟାରୀ ୨୨ ତାରିଖଠାରୁ ଆରମ୍ଭ ହୋଇଯାଇଛି । ଯେଉଁ ବ୍ୟକ୍ତି ଓଡିଶାର ଯେ କୌଣସି ଡାକଘର, ଅଧିକୃତ ବ୍ୟାଙ୍କ, ସ୍ୱଳ୍ପ ସଞ୍ଚୟ ଜମା ଯୋଜନା ଗୁଡିକରେ ତା ୦୧.୦୧.୨୦୨୦ ରିଖ ଠାରୁ ତା ୩୧.୧୨.୨୦୨୦ ରିଖ ମଧ୍ୟରେ ଅନ୍ୟୁନ ୨୦୦୦ ଟଙ୍କାରୁ ଅଧିକ ଅର୍ଥ ନିବେଶ କରିଥିବେ, ସେମାନେ ପ୍ରତ୍ୟେକ ୨୦୦୦ ଟଙ୍କା ଜମା ପିଛା ଗୋଟିଏ ମାଗଣା ଲଟେରୀ କୁପନ ସଂଗ୍ରହ କରିପାରିବେ । ୱେବ ସଞ୍ଚାଳିତ ପଦ୍ଧତି ଦ୍ୱାରା କୁପନ ନମ୍ବର ଜମାକାରି ମାନଙ୍କୁ ପ୍ରଦାନ କରିବାର ବ୍ୟବସ୍ଥା ସରକାରଙ୍କ ଦ୍ୱାରା କରାଯାଇଛି । ଏହି ଯୋଜନାରେ ଅଂଶ ଗ୍ରହଣ କରିବା ଦେୟ ମୁକ୍ତ ଅଟେ । କିଷାନ ବିକାଶ ପତ୍ର, ଜାତୀୟ ସଞ୍ଚୟ ସାର୍ଟିପିକେଟ, ପବ୍ଲିକ ପ୍ରୋଭିଡେଣ୍ଟ ଫଣ୍ଡ, ବରିଷ୍ଠ ନାଗରିକ ସଞ୍ଚୟ ଯୋଜନା, ସୁକନ୍ୟା ସମୃଦ୍ଧି ଜମା , ଡାକଘର ୫ ବର୍ଷୀୟା ଅବଧି ଜମା, ଡାକଘର ପୌନଃପୁନିକ ଜମା, ଡାକଘର ମାଶିକ ଆୟ ଯୋଜନା ଓ ଜାତୀୟ ସଞ୍ଚୟ ମାସିକ ଆୟ ଜମା ଯୋଜନା ଗୁଡିକରେ ଅର୍ଥ ସଞ୍ଚୟକରି ନିକଟସ୍ଥ ଜିଲ୍ଲାପାଳ, ଉପ-ଜିଲ୍ଲାପାଳ ଓ ବ୍ଲକ କାର୍ଯ୍ୟାଳୟରୁ ଲଟେରୀ କୁପନ ସଂଗ୍ରହ କରି ଜମାକରିମାନେ ଭାଗ୍ୟଶାଳୀ ବିଜେତା ହେଇପାରିବେ ବୋଲି ଭାରପ୍ରାପ୍ତ ଜିଲ୍ଲା ସ୍ୱଳ୍ପ ସଞ୍ଚୟ ଅଧିକାରିଣୀ ଈଶାନୀ ପଣ୍ଡା ପ୍ରକାଶ କରିଛନ୍ତି । ଜମାକାରୀମାନେ ଜିଲ୍ଲାପାଳଙ୍କ ସ୍ୱଳ୍ପ ସଞ୍ଚୟ ବିଭାଗ, ଉପଖଣ୍ଡ ସ୍ୱଳ୍ପ ସଞ୍ଚୟ ବିଭାଗ ଓ ସମସ୍ତ ବ୍ଲକର ସ୍ୱଳ୍ପ ସଞ୍ଚୟ ବିଭାଗରୁ କୁପନ ସଂଗ୍ରହ କରି ପାରିବେ ।

**ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ,ଅନୁଗୋଳ ।**

ଜ୍ଞାପକ ସଂଖ୍ୟା. ୮୦ ତା.୨୭.୦୧.୨୦୨୧ ।

ଏହାର ଏକକିତା ନକଲ ସମସ୍ତ ଜିଲ୍ଲା ସ୍ତରୀୟ ସାମ୍ବାଦିକଙ୍କ ସଦୟ ଅବଗତି ଓ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରା ଗଲା ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଅନୁଗୋଳ